# Asian School of Business Management

**NEW PAPER:** Prameya

**DATE:** 24.02.2019

**PAGE:** 13

ପ୍ରମେୟ
THE PRAMEYA

## ଏଏସ୍‌ବିଏମ୍‌ରେ ଜାତୀୟ ମ୍ୟାନେଜମେଣ୍ଟ ସମ୍ମିଳନୀ




ଭୁବନେଶ୍ୱର,୨୩।୨(ବ୍ୟୁରୋ): ଏସିଆନ୍ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍)ର ୫ମ ଜାତୀୟ ମ୍ୟାନେଜମେଣ୍ଟ ସମ୍ମିଳନୀ 'ନାମକନ୍ - ୨୦୧୯' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ତପନ କୁମାର ଚାନ୍ଦ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲୋକସେବା ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ବିବେକ୍ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଆମେରିକାସ୍ଥିତ ସାଉଦନ ବିଶ୍ୱବିଦ୍ୟାଳୟର ଉପକୁଳପତି ଡ. ବିଜୟ କୁମାର ସାହୁ ଯୋଗଦେଇଥିଲେ। ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ଆଲୁମିନିୟମ୍ ନିଗମର ପ୍ରାକ୍ତନ ଅଧ୍ୟକ୍ଷ ଗଦାଧର ଉପାଧ୍ୟାୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ଡିନ୍ ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମିଳନୀର ସଂଯୋଜକ ଡ. ମୃତ୍ୟୁଞ୍ଜୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।